# ଗ୍ରାମକୁ ଆସିଲା ଜଗଦୀଶଙ୍କ ମୃତଦେହ

## ଆନ୍ଧ୍ରକୁ ଧାନ କାଟି ଯାଇ ଯୁବକଙ୍କ ମୃତ୍ୟୁ ଘଟଣା

ନନ୍ଦପୁର, ୬।୧୨ (ଶଙ୍କର ପୂଜାରୀ)

ଆନ୍ଧ୍ର ବିଜୟୱାଡା ଅଞ୍ଚଳର ଧାନକ୍ଷେତରେ ଧାନ କାଟିବାକୁ ଯାଇ ଫେରୁଥିବା ବେଳେ ଆରକୁ ହାଟପଦା ନିକଟରେ ମଙ୍ଗଳବାର କୋରାପୁଟ ଜିଲା ନନ୍ଦପୁର ବ୍ଲକ ତାଲଗୁଡୁ ଗ୍ରାମର ଜଗଦିଶ ଦୁମୁତା(୨୬)ଙ୍କ ଆକସ୍ମିକ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ପରିବାର ଲୋକେ ଭାଙ୍ଗି ପଡିଥିଲେ। ମୃତଦେହ ଆଣିବାକୁ ସେମାନେ ଚିନ୍ତାରେ ଥିଲେ। ପ୍ରଶାସନର ସହାୟତା ଲୋଡ଼ିଥିଲେ। ଜିଲା ଓ ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ପାଡୁଆ ପୋଲିସ ବୁଧବାର ଆରକୁ ପୋଲିସ ଦ୍ୱାରା ଏହାର ତଦନ୍ତ କରାଇ ମୃତଦେହ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଆଣି ତାଲଗୁଡୁ ଗ୍ରାମରେ ପହଞ୍ଚାଇ ଥିଲେ।

# ଫସଲ ଉଜାଡ଼ିଦେଲା ଅଦିନିଆ ବର୍ଷା

- ବ୍ୟାପକ ଧାନ, କପା ଫସଲ ନଷ୍ଟ
- ଚାଷୀକୁଳ ହତାଶ

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ମିଗ୍‌ଜୋମ୍ ପ୍ରଭାବରେ ରାୟଗଡ଼ା ଜିଲାର ପ୍ରତ୍ୟେକ ଅଞ୍ଚଳରେ ବୁଧବାର ଦିନସାରା ବର୍ଷା ଲାଗି ରହିଛି । ମଙ୍ଗଳବାର ସକାଳୁ ପାଗ କୋହଲା ରହିଥିବା ବେଳେ ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଥିଲା ବର୍ଷା । ଅମଳ ସମୟରେ ଏଭଳି ଅଦିନିଆ ବର୍ଷା ଯୋଗୁ ଜିଲାରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଆଖି ସାମ୍ନାରେ ଅମଳ ଫସଲ ଉଜୁଡ଼ିଯାଉଥିବାରୁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ବିଭାଗୀୟ ତଥ୍ୟ ଅନୁସାରେ ବୁଧବାର ପ୍ରାୟ ସ୍ଥାନରେ ୧୦ ମି.ମି.ରୁ ଅଧିକ ପରିମାଣରେ ବର୍ଷା ରେକର୍ଡ ହୋଇଛି । ଚନ୍ଦ୍ରପୁର ବ୍ଲକରେ ସର୍ବନିମ୍ନ ୪.୨ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ କଲ୍ୟାଣସିଂହପୁର ବ୍ଲକରେ ସର୍ବାଧିକ ୨୭ ମି.ମି. ଏବଂ ମୁନିଗୁଡ଼ାରେ ୨୩.୬ ମି.ମି. ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି । ସେହିଭଳି ରାୟଗଡ଼ା ବ୍ଲକରେ ୧୬.୮ ମି.ମି., କୋଲନରା ବ୍ଲକରେ ୧୪.୮ମି.ମି. କାଶୀପୁର ବ୍ଲକରେ ୧୩.୭ ମି.ମି., ଗୁଣପୁର ବ୍ଲକରେ ୧୪ ମି.ମି., ପଦ୍ମପୁର ବ୍ଲକରେ ୪.୩ ମି.ମି., ଗୁଡ଼ାରି ବ୍ଲକରେ ୭.୮ ମି.ମି., ରାମନାଗୁଡ଼ାରେ ୧୯.୮ ମି.ମି.ଏବଂ ବିଷମକଟକରେ ୧୬.୬ ମି.ମି. ବର୍ଷା ରେକର୍ଡ଼ ହୋଇଛି । ତେବେ ଏହି ଅଦିନିଆ ବର୍ଷା ଯୋଗୁ ଜିଲାର ଧାନ, ମାଣ୍ଡିଆ ଓ କପା ଚାଷ ଉପରେ ବିଶେଷ ପ୍ରଭାବ ପକାଇଛି । ଚଳିତ ବର୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ, ୧୮ହଜାର ହେକ୍ଟରରୁ ଅଧିକ ଜମିରେ ମାଣ୍ଡିଆ ଏବଂ ୪୯ ହଜାରରୁ ଅଧିକ ହେକ୍ଟରରେ କପାଚାଷ ହୋଇଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଚାଷୀ ସେ ସବୁ ଅମଳ କରିପାରିନାହାନ୍ତି । ଯେତିକି ପରିମାଣରେ ଅମଳ କରିଛନ୍ତି ବର୍ତ୍ତମାନ ସେଗୁଡ଼ିକର ସୁରକ୍ଷା ଚିନ୍ତାରେ ଚିନ୍ତିତ ରହିଛନ୍ତି। ବର୍ଷା ଯୋଗୁ କପାଚାଷ ନଷ୍ଟ ହେବାର ଅଧିକ ଆଶଙ୍କା ରହିଛି। ଜିଲାରେ କପା ମଣ୍ଡି ଆରମ୍ଭ ହୋଇଥିବା ବେଳେ ବୁଧବାର କେବଳ ୧୧ କ୍ୱିଂଟାଲ କପା ମଣ୍ଡିକୁ ଆସିଥିବା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସୂଚନା ମିଳିଛି। ଡିସେମ୍ବର ୨୦ ତାରିଖରୁ ଧାନ ଓ ମାଣ୍ଡିଆ ମଣ୍ଡି ଆରମ୍ଭ ହେବ । ତେବେ ବର୍ତ୍ତମାନ ଅମଳ ହୋଇଥିବା ଏବଂ ହୋଇ ନ ଥିବା ଧାନ, ମାଣ୍ଡିଆ ଓ କପା ବର୍ଷା ଯୋଗୁ ନଷ୍ଟ ହୋଇଯାଇଥିବା ଚାଷୀମାନେ ଦୁଃଖର ସହ ପ୍ରକାଶ କରିଛନ୍ତି । ତେଣୁ ସେମାନଙ୍କ ପାଇଁ ରାଜ୍ୟ ସରକାର କିଛି ସ୍ୱତନ୍ତ୍ର ସହାୟତା ଘୋଷଣା କରିବାକୁ ଚାଷୀ ମହଲରେ ଦାବି ହୋଇଛି ।



ବର୍ଷା ଯୋଗୁ ଜମିରେ ନଇଁ ପଡ଼ିଥିବା ଧାନ ଫସଲ ।

# ବ୍ୟବସାୟୀଙ୍କ ଘର, ଅଫିସରେ ଆୟକର ଚଢ଼ାଉ



ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଜଣାଶୁଣା ମଦ ବ୍ୟବସାୟୀ ଅରବିନ୍ଦ ସାହୁଙ୍କ ଘର ଓ ଅଫିସରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଆୟକର ବିଭାଗର ୭ ଜଣିଆ ଟିମ୍ ବୁଧବାର ସକାଳ ପ୍ରାୟ ୭.୩୦ରେ ଗୁପ୍ତ ଭାବରେ ଏବଂ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଚଢ଼ାଉ କରିଥିଲେ। ଫଳରେ ଚଢ଼ାଉ ସମ୍ପର୍କରେ କୌଣସି ତଥ୍ୟ ବାହାରକୁ ଜଣାପଡ଼ି ନ ଥିଲା। ମଧ୍ୟାହ୍ନ ପ୍ରାୟ ୧ଟାରେ ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ମିଳିଥିଲା। ବର୍ତ୍ତମାନ ସୁଦ୍ଧା ତଦନ୍ତ ଜାରି ରହିଛି। ଅରବିନ୍ଦଙ୍କ ବିଭିନ୍ନ ବିଦେଶୀ ମଦ ଦୋକାନ, ଦେଶୀ ମଦ ଭାଟି ଓ ହୋଟେଲର କାଗଜ ପତ୍ର ଯାଞ୍ଚ କରାଯାଇଛି । ତେବେ ବ୍ୟାପକ ଆୟକର ଠକେଇ ଅଭିଯୋଗରେ ଚଢ଼ାଉ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଆୟକର ରିଟର୍ନ ଦାଖଲର ତଥ୍ୟ ଜବତ କରିଥିବା ସୂଚନା ହସ୍ତଗତ ହୋଇଛି। ତେବେ ଗଣମାଧ୍ୟମକୁ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ ଆୟକର ବିଭାଗ । ବ୍ୟବସାୟୀ ଅରବିନ୍ଦ ସାହୁଙ୍କ ଅନ୍ୟ ସମ୍ପର୍କୀୟଙ୍କ ଘରେ ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ଆୟକର ବିଭାଗର ଚଢାଉ ହୋଇଛି। ରାଜ୍ୟର ଟିଟିଲାଗଡ଼, ଖୋର୍ଦ୍ଧା ଓ ଅନ୍ୟାନ୍ୟ ସ୍ଥାନରେ ତାଙ୍କ ସମ୍ପର୍କୀୟ ସଞ୍ଜୟ ସାହୁଙ୍କ ଘରେ ଆୟକର ବିଭାଗ ଏକକାଳୀନ ଚଢ଼ାଉ କରିଛି । ଚଢ଼ାଉ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନର କର୍ମଚାରୀଙ୍କୁ ମଧ୍ୟ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା।

# ପ୍ରଥମ ଦିନରେ ୧୧ କୁଇଣ୍ଟାଲ କପା କ୍ରୟ

- ଆର୍‌ଏମ୍‌ସିରେ କପା ମଣ୍ଡି ଉଦ୍‌ଘାଟିତ
- ମିଗ୍‌ଜୋମ୍ ଯୋଗୁ କପା କିଣା ବାଧାପ୍ରାପ୍ତ

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବୁଧବାର ଜିଲା କୃଷି ମୁଖ୍ୟ ଅଧିକାରୀ ମନୋଜ କୁମାର ପ୍ରଧାନ କପା ମଣ୍ଡିର ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଦର କୁଇଣ୍ଟାଲ ପିଛା ୭ ହଜାର ୨୦ଟଙ୍କା ହିସାବରେ ଚାଷୀଙ୍କଠାରୁ ୧୧କୁଇଣ୍ଟାଲ କପା କ୍ରୟ କରାଯାଇଛି।

ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିପିନ ବିହାରୀ ସ୍ୱାଇଁ, କମିଟି ସଦସ୍ୟ ବି.ତିରୁପତି, ଇପିଲି ସନ୍ନ୍ୟାସୀ ରାଜୁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଜିଲାରେ ଚଳିତ ବର୍ଷ ମୋଟ ୪୯ ହଜାର ୯୭ ହେକ୍ଟର କପା ଚାଷ ହୋଇଛି। ସେଥିମଧ୍ୟରୁ ରାୟଗଡ଼ା କୃଷି ଜିଲାରେ ୧୫ ହଜାର ୪୧୫ ହେକ୍ଟର, ଗୁଣପୁର କୃଷି ଜିଲାରେ ୨୪ ହଜାର ୨୧୫ ହେକ୍ଟର ଏବଂ ମୁନିଗୁଡ଼ା କୃଷି ଜିଲାରେ ୯ହଜାର ୪୬୭ ହେକ୍ଟର ଜମିରେ କପା ଚାଷ ହୋଇଛି। ହେଲେ ଏବେ ଅଦିନିଆ ବର୍ଷା ଯୋଗୁ କପା କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ବର୍ଷା ଛାଡ଼ିବା ପରେ ଆକଳନ ପରେ ପ୍ରକୃତରେ କେତେ ପରିମାଣର ଚାଷ ନଷ୍ଟ ହୋଇଛି ଜଣାପଡ଼ିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି ।

ସୂଚନାଥାଉକି, କପା ମଣ୍ଡିର ଆରମ୍ଭ ନେଇ ପୂର୍ବରୁ ୨ ତାରିଖରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରଚାର ରଥର ଶୁଭାରମ୍ଭ କରିଥିଲେ । ଉକ୍ତ ପ୍ରଚାର ରଥ ସମସ୍ତ ଅଞ୍ଚଳ ବୁଲି ଚାଷୀଙ୍କୁ କପା ମଣ୍ଡି ଖୋଲିବା ନେଇ ଅବଗତ କରିଥିଲା ।



କପାମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ଅଧିକାରୀ।

# ୨ ଦିନ ପୂରିନି, ପୁଣି ଛାତ୍ର-ଅଣଛାତ୍ର ମାରପିଟ୍

## ଘଟଣାସ୍ଥଳରେ ପୋଲିସ ମୁତୟନ



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ଉତ୍ତ୍ୟକ୍ତ ଛାତ୍ରଙ୍କୁ ପୋଲିସ ବୁଝାଶୁଝା କରୁଛି ।

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର କମେଣ୍ଟମରାକୁ ନେଇ ହୋଇଥିବା ଛାତ୍ର ଓ ଅଣଛାତ୍ର ମାରପିଟର ପୁନରାବୃତ୍ତି ଘଟିଛି । ବୁଧବାର ମଧ୍ୟାହ୍ନ ପ୍ରାୟ ୧ଟାରେ ପୁଣି କଲେଜର ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ସହ ମାରପିଟ କରୁଥିବା ଦେଖିବାକୁ ମିଳିଥିଲା। ଗଣ୍ଡଗୋଳ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଉଭୟ ଗୋଷ୍ଠୀଙ୍କୁ ପୋଲିସ ବୁଝାଶୁଝା କରିବା ପରେ କଲେଜ ପରିସରରୁ ଘଉଡ଼ାଇଥିଲା। ମହାବିଦ୍ୟାଳୟ ପରିସରରେ ଏଭଳି ଛାତ୍ର ଓ ଅଣଛାତ୍ର ମାରପିଟ ନଜିର ରହିଥିଲେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଲେଜ ପରିସରରେ ନିୟମିତ ପୋଲିସ ବ୍ୟବସ୍ଥା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ତେବେ କିଛି ଅଧ୍ୟାପକଙ୍କ କହିବା ଅନୁସାରେ ପୋଲିସ ପ୍ରତିଦିନ ପଇଁତରା ମାରିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏହି ଗଣ୍ଡଗୋଳ ଆଗାମୀ ଦିନରେ ଆହୁରି ଅଧିକ ହେବା ଆଶଙ୍କା ରହିଛି । ତେଣୁ ପୋଲିସ କଲେଜ ପରିସରରେ ପଇଁତରା ମାରିବା ଏବଂ ଏହିଭଳି ଘଟଣାକୁ ସ୍ଥାୟୀ ଭାବେ ରୋକିବା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

ପ୍ରକାଶ ଥାଉକି, ଗତ କିଛି ଦିନ ହେବ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ମହାବିଦ୍ୟାଳୟ ଚତୁଃପାର୍ଶ୍ୱରେ ବାଇକ୍ ରେସିଂ କରିବା ଓ ବିକଟାଳ ଶବ୍ଦ ହର୍ନ ବ୍ୟବହାର ଯୋଗୁ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜୁଛି। ଏଭଳିକି ମହାବିଦ୍ୟାଳୟ ଆସୁଥିବା ଛାତ୍ରୀଙ୍କୁ ରାସ୍ତା ଉପରେ କମେଣ୍ଟ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସୋମବାର ଜଣେ ଛାତ୍ରୀଙ୍କୁ ଆକ୍ଷେପ କରି ଅଣଛାତ୍ର କମେଣ୍ଟ କରିଥିଲେ। ଏହାକୁ ୨ଜଣ ଛାତ୍ର ପ୍ରତିବାଦ କରିବାରୁ ୪ ଜଣ ଅଣଛାତ୍ର ତାଙ୍କ ଉପରେ ଆକ୍ରମଣ କରିଥିଲେ।

# ଦିଆଲ ପରବ ଭେଟ୍‌ଘାଟ୍ କମିଟିର ଦାବିପତ୍ର

## ଡମ ସମାଜକୁ ଅବହେଳା ଅଭିଯୋଗ



ଜିଲାପାଳଙ୍କୁ ଡମ ସମାଜର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ରାୟଗଡା,୬।୧୨(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାସ୍ତରୀୟ ଡମ ସମାଜର ଦିଆଲ ପରବ ଭେଟ୍‌ଘାଟ୍ କମିଟି ପକ୍ଷରୁ ବୁଧବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡମ ସମାଜକୁ ଅବହେଳା କରାଯାଉଥିବା ଅଭିଯୋଗରେ କମିଟି ସଭାପତି ଧନିରାମ ନାୟକଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

ଜିଲାର ଗ୍ରାମାଞ୍ଚଳରୁ ଡମ ସମାଜର ବ୍ୟକ୍ତିବିଶେଷ ରୋଜଗାର ଅନ୍ୱେଷଣରେ ରାୟଗଡ଼ାର ବିଭିନ୍ନ ସାହିରେ ବସବାସ କରୁଛନ୍ତି । ଏମାନେ ସମସ୍ତେ ପ୍ରାୟତଃ ଦିନ ମଜୁରିଆ, ଠିକା ମଜୁରିଆ ଓ ଅଣପଞ୍ଜୀକୃତ ଶ୍ରମିକ। ରାୟଗଡ଼ା ସହରର ଶ୍ରୀରାମ ନଗର, ନୂଆସାହି, ଆମ୍ଭାଗୁଡା, ଆର୍‌କେ ନଗର ସାହି, ପୁରୁଣା କାମ୍ପ ସାହିଁ, ଫରେଷ୍ଟ ଅଫିସ ସାଇଡ୍, ମହିଳା ମହାବିଦ୍ୟାଳୟ ପଛ ସାହି, ଢେପ ସାହି, ମାଙ୍କଡ ଖୋଲାସାହି ଏବଂ ଜେକେପୁର ସହରର ହଳଦୀପଡ଼ା, ଗେଟିପଡ଼ା, କଳାହାଣ୍ଡି ପଡ଼ା, ନୂଆ ପଡ଼ା ବାପୁଜୀ ନଗର, ଅରବିନ୍ଦନଗର, ନୂଆଁ ମାର୍କେଟ ସାହିଁ, ସାନ ଚାହିଁଲି, ଗାନ୍ଧୀ ପଡ଼ା ଇତ୍ୟାଦି ସାହିରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି । ତେଣୁ ସେମାନଙ୍କୁ ଠିକ୍ ଜାଗାରେ ଥଇଥାନ କରି ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରର ପନ୍ଥା ନିଶ୍ଚିତ କରିବାକୁ ଦାବି ହୋଇଛି। ଜିଲାର ପ୍ରାୟ ସବୁ ଅଞ୍ଚଳରେ ବସବାସ କରୁଥିବା ଡମ ସମାଜର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ସ୍ଥାନୀୟ ଲାଞ୍ଜିଗଡ଼ ବେଦାନ୍ତ, କମ୍ପା ଥେରୁବାଲି , ଜେକେ ପେପର ମିଲ, ଉତ୍କଳ ଆସୁମିନା ତଥା ଆରମ୍ଭ ହେଉଥିବା ଅନ୍ୟ ଶିଳ୍ପାନୁଷ୍ଠାନ କିମ୍ବା ମାଇନ୍ସରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବାକୁ ଦାବି କରାଯାଇଛି। ଏହାଦ୍ୱାରା ଅଞ୍ଚଳରେ ଦାଦନ ସମସ୍ୟା ଦୂରହେବ ବୋଲି ଡମ ସମାଜ କର୍ମକର୍ତ୍ତା କହିଛନ୍ତି। ସେହିପରି ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଆଦିବାସୀ ସମାଜର ଲୋକଙ୍କ ସହିତ ଡମ ସମାଜ ଲୋକେ ବସବାସ କରନ୍ତି। ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅନ୍ୟାନ୍ୟ ଚିକିତ୍ସାଳୟରେ କର୍ମଚାରୀ ଓ ସରଞ୍ଜାମର ବ୍ୟବସ୍ଥା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ କମିଟିର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡ଼ା ଏବଂ କୋଷାଧ୍ୟକ୍ଷ ଉପେନ୍ଦ୍ର ହିଆଲଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ସ୍ୱାଭାବିକ ହେଲା କୋରାପୁଟ-ବିଶାଖାପାଟଣା ଟ୍ରେନ୍ ଚଳାଚଳ

କୋରାପୁଟ,୬।୧୨(ଅମିତାଭ ବେହେରା)

ଆନ୍ଧ୍ରର ଶିବାଲିଙ୍ଗପୁରଠାରେ ରେଳ ଧାରଣାରେ ଉପରେ ପଡିଥିବା ପଥର ଓ ମାଟି ଅତଡ଼ା ବୁଧବାର ସକାଳ ସାଢେ ୯ଟା ସୁଦ୍ଧା ସଫା ହୋଇଛି। ଫଳରେ ବୁଧବାର ପୂର୍ବାହ୍ନ ୧୦ଟାରୁ ଏହି ରୁଟରେ ସମସ୍ତ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଗୁରୁବାରଠାରୁ ଉକ୍ତ ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି କୋରାପୁଟ ଷ୍ଟେସନ ମାଷ୍ଟର ବଳରାମ ମୁଦୁଲି କହିଛନ୍ତି। ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରୁ ଛତିଶଗଡ଼ ରାଜ୍ୟର କିରାଣ୍ଡୁଲ ପର୍ଯ୍ୟନ୍ତ ଲମ୍ବିଥିବା କେକେ ରେଳପଥ ଆନ୍ଧ୍ରର ଆରକୁ ଅଞ୍ଚଳର ତ୍ୟାଡା ଓ ଶିବଲିଙ୍ଗପୁରମ ରେଳଷ୍ଟେସନ ମଧ୍ୟରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ସନ୍ଧ୍ୟାରେ ରେଳ ଧାରଣା ଉପରକୁ ପାହାଡ଼ରୁ ପଥର ଖସି ଆସିଥିଲା। ସେହି ସମୟରେ ଉକ୍ତ ଟ୍ରାକ ଦେଇ ଏକ ମାଲବାହୀ ଟ୍ରେନ ଆସୁଥିଲା । ଏହି ଟ୍ରେନ ଇଞ୍ଜିନ ପଥରରେ ବାଜି କେତେକାଂଶରେ କ୍ଷତି ହୋଇଥିଲା। ପରେ ମାଲବାହୀ ଟ୍ରେନଟିର ୨ଟି ବଗି ଲାଇନଚ୍ୟୁତ ହୋଇ ଯାଇଥିଲା।

# ଜିଲାସ୍ତରୀୟ ଚଇତି ପାଇଁ ଦେବଗିରିରୁ ଆସିବ ଜଳ

## ୧୧ରୁ ବ୍ଲକ୍‌ସ୍ତରୀୟ ଚଇତି ଶୁଭାରମ୍ଭ

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ଚଇତି ମହୋତ୍ସବ ୨୦୨୩ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଚଇତି ଶୁଭାରମ୍ଭ ପାଇଁ ଦେବଗିରିସ୍ଥିତ ପୁରାତନ ଶୈବପୀଠରେ ଥିବା ଗଙ୍ଗା ଓ ଯମୁନା ଜଳକୁଣ୍ଡରୁ ପବିତ୍ର ଜଳ ସଂଗ୍ରହ କରାଯିବ। ପରେ ୧୧ଟି ବ୍ଲକକୁ ଉକ୍ତ ଜଳ ନେଇ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରି ଚଇତି ମହୋତ୍ସବ ଶୁଭାରମ୍ଭ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଡ.ଦୟାନିଧି ବାଗ ଯୋଗଦେଇଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ବି.ୱାରା ପ୍ରସାଦ ରାଓ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, କଳାକାର ସଂଘ ଉପସଭାପତି ସନ୍ତୋଷ କୁମାର ବଛା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହ ଆସନ୍ତା ୧୧ ତାରିଖରେ କଲ୍ୟାଣସିଂହପୁରରେ ବ୍ଲକସ୍ତରୀୟ ଚଇତି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଘୁରୁକି ନୃତ୍ୟ, ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଧାଙ୍ଗିଡ଼ୀ ନାଚ ଓ ଘୁମୁରା ଆଦି ପାରମ୍ପରିକ ନୃତ୍ୟ ସହ କଳସ ଯାତ୍ରା ଦ୍ୱାରା ନଗର ପରିକ୍ରମା କରି ଚଇତି ଶୁଭାରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମଙ୍ଗଳ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ଗଣମାଧ୍ୟମ ପ୍ରତିନିଧି ଓ କଳାକାର ବୃନ୍ଦ ଉପସ୍ଥିତ ଥିଲେ ।




ଚଇତି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ମିଶନ ଶକ୍ତି ଉପଦେଷ୍ଟା

## ଲୋପାମୁଦ୍ରା ବକ୍ସିପାତ୍ରଙ୍କ ୪ ଦିନିଆ ରାୟଗଡ଼ା ଜିଲା ଗସ୍ତ

ରାୟଗଡ଼ା/ବିଷମକଟକ/ମୁନିଗୁଡ଼ା, ୬।୧୨ (ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ/ରାଧେଶ୍ୟାମ ଅଗ୍ରୱାଲ)

ମିଶନ ଶକ୍ତି ରାଜ୍ୟ ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ମଙ୍ଗଳବାରଠାରୁ ୪ ଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି। ବୁଧବାର ସେ କୋଲନରା, ବିଷମକଟକ, ମୁନିଗୁଡା, ଚନ୍ଦ୍ରପୁର ବ୍ଲକ ପରିଦର୍ଶନ କରିଛନ୍ତି। ଏହି ସମୟରେ ଲୋପାମୁଦ୍ରାଙ୍କୁ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି। ବୁଧବାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଲୋପାମୁଦ୍ରା ଯୋଗଦେଇ ମିଶନ ଶକ୍ତି ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସରକାରଙ୍କ ଯୋଜନା କିଭଳି ଆଗକୁ ବଢିବ ସେ ନେଇ ମତାମତ ନେଇଥିଲେ। ଏଥିସହ ରାମନାଗୁଡା ବ୍ଲକ କରଡ଼ାଠାରେ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ହେଉଥିବା ତେନ୍ତୁଳି କେକ୍, ଝାଡୁ ପ୍ରସ୍ତୁତି ଦେଖିଥିଲେ। ସେହିଭଳି କୋଲନରା ବ୍ଲକ ପାଲିପିଣ୍ଡା ଗ୍ରାମର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ କୁକୁଡ଼ା ଫାର୍ମ ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳାମାନେ ସାମିଲ ହୋଇ କିଭଳି ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବ୍ୟାଙ୍କ ଋଣ, ସ୍କୁଟି ଯୋଜନା ବିଷୟରେ ଆଲୋଚନା କରଥିଲେ। ଏଥିସହ ସିଆର୍‌ପି, ଏମ୍‌ବିକେମାନଙ୍କୁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ଡ. ବକ୍ସିପାତ୍ରଙ୍କ ଗସ୍ତ ସମୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଜିଲା ପ୍ରକଳ୍ପ ପରିଚାଳକ ହେମନ୍ତ ବାଗ ଉପସ୍ଥିତ ଥିଲେ।

ସେହିପରି ମିଶନ ଡ. ଲୋପାମୁଦ୍ରା ବକ୍ସିପାତ୍ର ବିଷମକଟକ ବ୍ଲକର ଚାଟିକୋଣସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଯାଇ ଡଙ୍ଗରିଆ ମହିଳା ଉଦ୍ୟୋଗୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଦକ୍ଷତା ବୃଦ୍ଧି କେନ୍ଦ୍ର ପରିସରରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବୁଲି ଦେଖିଥିଲେ। ମିଶନ ଶକ୍ତି ଦ୍ୱାରା ଷ୍ଟ୍ରବେରି ଚାଷ ଦେଖିବା ପରେ ବ୍ଲକର ସଦ୍‌ଭାବନା ଗୃହରେ ବ୍ଲକ ଏବଂ ପଞ୍ଚାୟତସ୍ତରୀୟ ମହାସଂଘ ଓ ଗୋଷ୍ଠୀ ସହାୟିକାଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମିଶନ ଶକ୍ତି ବ୍ଲକ ସଂଯୋଜକ ଶିବନନ୍ଦ ସିଂ, ବ୍ଲକ ପ୍ରକଳ୍ପ ପରିଚାଳକ ମାନସୀ ଟାକିରି, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ,ସମସ୍ତ ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ ଏବଂ ସମ୍ପାଦିକା, ସିଆର୍‌ପି ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ।

ସେହିପରି ଲୋପାମୁଦ୍ରାଙ୍କ ମୁନିଗୁଡ଼ା ବ୍ଲକ ଗସ୍ତ ସମୟରେ ବ୍ଲକ ମିଶନ ଶକ୍ତି ତରଫରୁ ସ୍ୱାଗତ କରାଯାଇଥିଲା। ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତି ଓ ବ୍ଲକ ଓଡ଼ିଶା ଜୀବିକା ମିଶନ ଅଧିକାରୀ କ୍ଷୀରୋଦ ଭୂୟାଁଙ୍କ ତତ୍ତ୍ୱାବଧାନରେ ମିଶନ ଶକ୍ତି ଗୋଷ୍ଠୀ ଅଧିକାରୀ ସାମନ୍ତ ଦିଗାଲ, ସିଡିପିଓ ଡାଲିମ୍ବ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନାଙ୍କ ସହିତ ଶତାଧିକ ମିଶନ ଶକ୍ତି ମହିଳା ଡ.ବକ୍ସିପାତ୍ରଙ୍କୁ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷକୁ ପାଛୋଟି ନେଇଥିଲେ। ଜିଲାରେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମରେ ମୁନିଗୁଡ଼ା ମିଶନ ଶକ୍ତିର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ। ଶେଷରେ ତେଲେଙ୍ଗାପଦର ପଞ୍ଚାୟତରେ ମିଶନ ଶକ୍ତି ଆନୁକୂଲ୍ୟରେ ଚାଲିଥିବା କାର୍ଯ୍ୟ ପରିଦର୍ଶନ କରିଥିଲେ। ସେଠାର ୟୁନିଟ ମୁଖ୍ୟ ରୂପବତୀ ନାଳା ଓ ମୁନିଗୁଡ଼ାର ପୁଷ୍ପାବତୀ ପାଣିଗ୍ରାହୀଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ପରେ ସେ ସିଙ୍ଗାରି ଗାଆଁର ଏକ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ।



ବିଷମକଟକର ଏକ କାଫେ ପରିଦର୍ଶନ ସମୟରେ ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ।

**ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ମାରପିଟ**

ଜୟପୁର,(ପବନ ପାଣିଗ୍ରାହୀ): ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ମାରପିଟ କରିଥିବା ଅଭିଯୋଗକୁ ଭିତ୍ତି କରି ମହିଳା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଛୋଟାଗୁଡାର ରୋହିତ ହରିଜନ (୨୦)। ରୋହିତ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଉଦ୍ଦୁଲିଆ ବିବାହ କରିଥିଲେ। ପାଖରେ ୬ ମାସ ରଖିବା ପରେ ଏବେ ତାଙ୍କୁ ମାରପିଟ କରୁଥିବା ନେଇ ନାବାଳିକା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ରୋହିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗ୍ରାମକୁ ଆସିଲା ଜଗଦିଶଙ୍କ ମୃତଦେହ

### ଅନ୍ଧ୍ରକୁ ଧାନ କାଟି ଯାଇ ଯୁବକଙ୍କ ମୃତ୍ୟୁ ଘଟଣା

**ନନ୍ଦପୁର, ୬।୧୨ (ଶଙ୍କର ପୂଜାରୀ)**

ଆନ୍ଧ୍ର ବିଜୟୱାଡା ଅଞ୍ଚଳର ଧାନକ୍ଷେତରେ ଧାନ କାଟିବାକୁ ଯାଇ ଫେରୁଥିବା ବେଳେ ଆରକୁ ହାଟପଦା ନିକଟରେ ମଙ୍ଗଳବାର ନନ୍ଦପୁର ବ୍ଲକ ତାଲଗୁଡୁ ଗ୍ରାମର ଜଗଦିଶ ଦୁମୁତା(୨୬)ଙ୍କ ଆକସ୍ମିକ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ପରିବାର ଲୋକେ ଭାଙ୍ଗି ପଡିଥିଲେ। ମୃତଦେହ ଆଣିବାକୁ ସେମାନେ ଚିନ୍ତାରେ ଥିଲେ। ପ୍ରଶାସନର ସହାୟତା ଲୋଡ଼ିଥିଲେ। ଜିଲା ଓ ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ପାଡୁଆ ପୋଲିସ ବୁଧବାର ଆରକୁ ପୋଲିସ ଦ୍ୱାରା ଏହାର ତଦନ୍ତ କରାଇ ମୃତଦେହ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଆଣି ତାଲଗୁଡୁ ଗ୍ରାମରେ ପହଞ୍ଚାଇ ଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ବୈପାରିଗୁଡ଼ା,୬।୧୨ (କଳ୍ପତରୁ ମହାନ୍ତି)**

ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ଣ୍ଣମିଙ୍କ ତତ୍ତ୍ୱାବଧାନରେ ୫୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସୁଶାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପାଠପଢ଼ା, ପରିବାର ଚଳାଇବାକୁ ମୂଲ ଲାଗୁଛନ୍ତି କଲେଜ ଛାତ୍ରୀ

**ବୈପାରିଗୁଡ଼ା, ୬।୧୨ (କଳ୍ପତରୁ ମହାନ୍ତି)**

ଜଣେ ଅସହାୟ ଛାତ୍ରୀ କୌଣସି ଉପାୟ ନ ପାଇ ପରିବାର ଚଳାଇବାକୁ ମୂଲ ଲାଗୁଛନ୍ତି। ତାଙ୍କ ଦୁଃଖଦ କାହାଣୀ ଯେତିକି ସଂଘର୍ଷମୟ ସେତିକି ହୃଦୟବିଦାରକ। ସେ ହେଲେ ବୈପାରିଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜରେ ପ୍ରଥମ ବାର୍ଷର ଛାତ୍ରୀ ସୁମିତ୍ରା ସଗରିଆ। ୭ ବର୍ଷ ତଳେ ସେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସୁମିତ୍ରାଙ୍କ ଦୁଃଖଦ ସ୍ଥିତି ଆରମ୍ଭ ହୋଇଥିଲା। ବାପା ମନ ସଗରିଆ ମା' ଓ ୨ ସାନଭାଇଙ୍କୁ ନେଇ ଥିଲା ତାଙ୍କ ପରିବାର । ବାପା ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ବିକି ଯାହା ରୋଜଗାର କରୁଥିଲେ ସେତିରେ ଚଳି ଯାଉଥିବା ତାଙ୍କ ପରିବାର। ମାତ୍ର ବାପା ମନ ଙ୍କ ମାନସିକ ଅବସ୍ଥା ବିଗିଡ଼ିଯିବାରୁ ଦିନେ ସେ ରାତିରେ ସ୍ତ୍ରୀ ହଂସମତିଙ୍କୁ ପୋଡି ମାରିବାକୁ ଉଦ୍ୟମ କଲେ। ସେତେବେଳେ ଛୋଟ ନାବାଳିକା ସୁମତି ଉଦ୍ୟମ କରି ମା'ଙ୍କୁ ରକ୍ଷା କଲେ। ମନ ନିଆଁ ଲଗାଇ ଘରକୁ ଜାଳି ଦେବା ପରେ ପିଲାଙ୍କ ଉପରେ ବିପଦ ଆଶଙ୍କା କରି ମା' ହଂସମତି ପୁଅ ଝିଅଙ୍କୁ ଧରି ନିଜ ବାପଘର ନିକଟସ୍ଥ ଦଳପୁର ଗ୍ରାମକୁ ଚାଲିଯାଇ ସେଠାରେ ଆଶ୍ରୟ ନେଲେ। ଏହା ପରେ ମନଙ୍କ ମାନସିକ ଅବସ୍ଥା ଆହୁରି ଖରାପ ହୋଇ ସେ ଏଣେ ତେଣେ ବୁଲିବୁଲି ଶେଷରେ କୁଆଡେ ନିଖୋଜ ହୋଇଗଲେ।

ଏହି ଘଟଣାର ମାସକ ପରେ ମା' ମଧ ସେମାନଙ୍କୁ ଛାଡି କେଉଁଆଡେ ଚାଲିଗଲେ। ପରେ ଜଣାପଡିଲା ମା ଅନ୍ୟ ଜଣେ ପୁରୁଷଙ୍କ ସହ ଆନ୍ଧ୍ର ଚାଲିଯାଇଛନ୍ତି। ସେବେଠାରୁ ସୁମିତ୍ରା ଆଉ ମା'ଙ୍କୁ ଦେଖିନାହାନ୍ତି। ତାଙ୍କ ଆଇ ହାଟରେ କୁଲା ବିକି ଯାହା ରୋଜଗାର କରୁଥିଲେ ସେତିକିରେ ସବୁଖର୍ଚ୍ଚ ମେଣ୍ଟୁ ନ ଥିଲା। ପେଟ ଓ ପାଠର ଚିନ୍ତା ପରିସ୍ଥିତି ବାଧ କଲା ସୁମିତ୍ରାଙ୍କୁ ମୂଲ ଲାଗିବାକୁ। ସପ୍ତାହର ଅଧାଦିନ ମୂଲ ଲାଗୁଥିଲେ ଓ ଅଧାଦିନ ସ୍କୁଲ ଯାଉଥିଲେ ସେ। ୨ ଭାଇଙ୍କ ଭରଣପୋଷଣ ସହ ପାଠପଢା ସହ ନିଜେ ସବୁ ବୁଝୁଥିଲେ।

ସୁମିତ୍ରାଙ୍କ ଏହି ଦୁର୍ଦ୍ଦଶା ତତ୍କାଳୀନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ଦୃଷ୍ଟିକୁ ଆସିବା ପରେ ସେ ସହାୟତାର ହାତ ବଢାଇଥିଲେ। ତାଙ୍କ ଉଦ୍ୟମରେ ପଞ୍ଚାୟତ ପକ୍ଷରୁ ସୁମିତ୍ରାଙ୍କୁ ଏକ ଆବାସ ଗୃହ ମିଳିଲା। ସଗରିଆଙ୍କ ବଦାନ୍ୟତା ବର୍ତ୍ତମାନ ମଧ ଜାରି ରହିଛି। ସେ ବିଧାୟକ ନ ଥିଲେ ମଧ ପ୍ରତି ମାସରେ ସୁମିତ୍ରା ଓ ତାଙ୍କ ୨ ଭାଇଙ୍କ ପଠା ଖର୍ଚ୍ଚ ବାବଦକୁ କିଛି ଆର୍ଥିକ ସହାୟତା ଦେଇ ଆସୁଛନ୍ତି। ବହୁ ପ୍ରତିବନ୍ଧକ ସତ୍ତ୍ୱେ ସୁମିତ୍ରା ମାଟ୍ରିକ ପାସ୍ କଲେ। ପରେ ସେ ଯୁକ୍ତ ୨ ରେ କୁନ୍ଦୁରା କଲେଜରେ ନାମ ଲେଖାଇଲେ। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ପଢୁଥିବା ସୁମିତ୍ରା ମଝିରେ ମଝିରେ ଗାଁକୁ ଆସି ମୂଲ ଲାଗୁଥିଲେ। ୨ ଭାଇଙ୍କ କଥା ବୁଝୁଥିଲେ। ବର୍ତ୍ତମାନ ସୁମିତ୍ରା ବୈପାରିଗୁଡା ଘରୋଇ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ । ଭାଇ ସାଧବ ସଗରିଆ ଦଳପୁର ହାଇସ୍କୁଲରେ ନବମ ଶ୍ରେଣୀରେ ଅନ୍ୟ ଜଣେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ଭାଇମାନଙ୍କ ପଢ଼ା ଖର୍ଚ୍ଚ ବଢୁଛି । ବାର୍ଦ୍ଧକ୍ୟ କାରଣରୁ ଆଇ ମଧ କିଛି ରୋଜଗାର କରିପାରୁନାହାନ୍ତି। ସଗରିଆଙ୍କ ସହାୟତାକୁ ନେଇ ମଧ ବେଳେବେଳେ ଅନିଶ୍ଚିତତା ଦେଖାଦେଉଛି। ଏମ୍‌ଜିଏନଆରଏସ୍‌ରେ ମଜୁରି ଲାଗିଲେ ମାତ୍ର ୧୨୦ ଟଙ୍କା ମିଳୁଛି। ଏଥିରେ ନିଜେ ଚଳିବା ଏବଂ ଭାଇମାନଙ୍କୁ ଚଳାଇବା ଦିନକୁ ଦିନ ସୁମିତ୍ରାଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ଆଉ ଏକ ବିପଦ ତାଙ୍କ ଉପରକୁ ମାଡି ଆସୁଛି। ସୁମିତ୍ରା ଯେଉଁଠ ଆବାସ ଯୋଜନାରେ ଘର କରି ରହଛନ୍ତି ସେ ଘର ଛାଡି ଚାଲିଯିବାକୁ ଅଜାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ବାରମ୍ବାର ତାଗିଦ କରୁଛନ୍ତି। ଏପରି ଅସହାୟ ପରିସ୍ଥିତିରେ ତାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ମୂଲ ଲାଗୁଛନ୍ତି ଛାତ୍ରୀ ସୁମିତ୍ରା (ମଝି)।

# ସ୍ୱାଭାବିକ ହେଲା କୋରାପୁଟ – ବିଶାଖାପାଟଣା ଟ୍ରେନ୍ ଚଳାଚଳ

**ବାତ୍ୟା ପ୍ରଭାବରେ ପାହାଡ଼ରୁ ପଥର ଖସିବା ଘଟଣା**

■ ଗୁରୁବାରଠାରୁ ଚାଲିବ ସବୁ ଯାତ୍ରୀବାହୀ ଟ୍ରେନ: ଷ୍ଟେସନ ମାଷ୍ଟର

**କୋରାପୁଟ,୬।୧୨(ଅମିତାଭ ବେହେରା)**

ଆନ୍ଧ୍ରର ଶିବାଲିଙ୍ଗପୁରଠାରେ ରେଳ ଧାରଣାରେ ଉପରେ ପଡିଥିବା ପଥର ଓ ମାଟି ଅତଡ଼ା ବୁଧବାର ସକାଳ ସାଢେ ୯ଟା ସୁଦ୍ଧା ସଫା ହୋଇଛି। ଫଳରେ ବୁଧବାର ପୂର୍ବାହ୍ନ ୧୦ଟାରୁ ଏହି ରୁଟରେ ସମସ୍ତ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଗୁରୁବାରଠାରୁ ଉକ୍ତ ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି କୋରାପୁଟ ଷ୍ଟେସନ ମାଷ୍ଟର ବଳରାମ ମୁଦୁଲି କହିଛନ୍ତି। ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରୁ ଛତିଶଗଡ଼ ରାଜ୍ୟର କିରାଣ୍ଡୁଳ ପର୍ଯ୍ୟନ୍ତ ଲମ୍ବିଥିବା କେକେ ରେଳପଥ ଆନ୍ଧ୍ରର ଆରକୁ ଅଞ୍ଚଳର ତ୍ୟାଡା ଓ ଶିବଲିଙ୍ଗପୁରମ ରେଳଷ୍ଟେସନ ମଧ୍ୟରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ସନ୍ଧ୍ୟାରେ ରେଳ ଧାରଣା ଉପରକୁ ପାହାଡ଼ରୁ ପଥର ଖସି ଆସିଥିଲା। ସେହି ସମୟରେ ଉକ୍ତ ଟ୍ରାକ ଦେଇ ଏକ ମାଲବାହୀ ଟ୍ରେନ ଆସୁଥିଲା । ଏହି ଟ୍ରେନ ଇଞ୍ଜିନ ପଥରରେ ବାଜି କେତେକାଂଶରେ କ୍ଷତି ହୋଇଥିଲା। ପରେ ମାଲବାହୀ ଟ୍ରେନଟିର ୨ଟି ବଗି ଲାଇନଚ୍ୟୁତ ହୋଇ ଯାଇଥିଲା। ଏଥିଯୋଗୁ କିରାଣ୍ଡୁଳ ଓ ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରେଳ ବିଭାଗ ଏହି ରୁଟ୍‌ରେ ଚଳାଚଳ କରୁଥିବା ୪ଟି ଟ୍ରେନକୁ ବାତିଲ କରିଥିଲା। ବିଶାଖାପାଟଣାରୁ କିରାଣ୍ଡୁଳକୁ ଆସୁଥିବା ଟ୍ରେନକୁ ଆରକୁ ପରିବର୍ତ୍ତେ ରାୟଗଡ଼ା ଦେଇ ଚଳାଚଳ କରବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା।

# ଜିଲାରେ ୬୬୫.୪ ମି.ମି. ବର୍ଷା

**ପଟ୍ଟାଙ୍ଗିରେ ରାଜ୍ୟର ସର୍ବାଧିକ ୧୦୬ ମି.ମି.**

**କୋରାପୁଟ/ପଟ୍ଟାଙ୍ଗି, ୬।୧୨ (ଅମିତାଭ ବେହେରା/ଶରତ ଧଳ)**

ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ କୋରାପୁଟଙ୍କ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି । ବୁଧବାର କୋରାପୁଟ ଜିଲାରେ ମୋଟ ୬୬୫.୪ ମି.ମି. ବର୍ଷା ହୋଇଥିବାବେଳେ ଜିଲାର ପଟ୍ଟାଙ୍ଗି ବ୍ଲକରେ ସର୍ବାଧିକ ୧୦୬ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ପଟ୍ଟାଙ୍ଗି ବ୍ଲକରେ ହୋଇଥିବା୧୦୬ ମି.ମି. ବର୍ଷା ହେଉଛି ରାଜ୍ୟରେ ସର୍ବାଧିକ ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଜିଲାର ସେମିଳିଗୁଡା ବ୍ଲକରେ ୮୬ ମି.ମି. ବର୍ଷା ହୋଇଥିବାବେଳେ କୋରାପୁଟ ବ୍ଲକରେ ୬୭.୨ ମି.ମି., ଦଶମନ୍ତପୁର ବ୍ଲକରେ ୫୩ ମି.ମି., ନନ୍ଦପୁର ବ୍ଲକରେ ୪୮ ମି.ମି., ଲମତାପୁଟ ବ୍ଲକରେ ୪୩.୪ ମି.ମି., ବୈପାରିଗୁଡ଼ା ବ୍ଲକରେ ୪୧ ମି.ମି., କୋଟପାଡ ବ୍ଲକରେ ୩୯ ମି.ମି., ଜୟପୁର ବ୍ଲକରେ ୩୭.୭ ମି.ମି.,ବୋରିଗୁମ୍ମା ବ୍ଲକରେ ୩୫.୮ ମି.ମି., ଲକ୍ଷ୍ମୀପୁର ବ୍ଲକରେ ୩୪.୧ ମି.ମି. , ନାରାୟଣପାଟଣା ବ୍ଲକରେ ୩୩ ମି.ମି. , କୁନ୍ଦୁରା ବ୍ଲକରେ ୩୨.୬ ମି.ମି. , ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୮ ମି.ମି. ବର୍ଷା ହୋଇଥିବା ଜଣାଯାଇଛି । ତେବେ ଖବର ଲେଖା ହେବାଯାଏ ଜିଲାରେ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ କୌଣସି ତଥ୍ୟ ଜିଲା ଜରୁରୀ ବିଭାଗର ହସ୍ତଗତ ହୋଇ ନ ଥିବା ଜିଲା ଜରୁରୀ ଅଧିକାରୀ ତ୍ରିପାଠି ସୂଚନାଦେଇଛନ୍ତି।

# ଜୟପୁର ଆର୍‌ସିଏମ୍‌ଏସ୍‌କୁ ୫୪ ଲକ୍ଷ ଜରିମାନା

**୨୦୧୪-୧୯ ଯାଏ ଥିବା ସଭାପତି, ସମ୍ପାଦକଙ୍କୁ ହେବ ଜେରା**

**ଜୟପୁର,୬।୧୨(ପବନ ପାଣିଗ୍ରାହୀ)**

ଜୟପୁର ଆଞ୍ଚଳିକ ସମବାୟ ମାର୍କେଟିଂ ସମିତି (ଆର୍‌ସିଏମ୍‌ଏସ୍)କୁ ୫୪ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏନେଇ ବୁଧବାର ଡିଆର୍‌ସିଏସ୍ ଭୀମସେନ ସାହୁ ସଭାପତି ଓ ସମ୍ପାଦକଙ୍କୁ ଯାଞ୍ଚ ପରିସରଭୁକ୍ତ କରି ତଦନ୍ତ କରିଛନ୍ତି । ନିୟମିତ ରିଟର୍ନ ଦାଖଲ କରାଯାଇ ନ ଥିବାରୁ ଆୟକର ବିଭାଗ ପକ୍ଷରୁ ଆର୍‌ସିଏମଏସ୍‌କୁ ଏହି ଜରିମାନା ଲାଗିଛି। ବୁକସ୍ ଅଫ୍ ଆକାଉଣ୍ଟ ମେଣ୍ଟେନ ନ କରିବା, ବାର୍ଷିକ ଅଡିଟ୍ ନ କରାଇବା, ନିୟମତି ରିଟର୍ନ ଦାଖଲ ନ କରିବାରୁ ଆୟକର ବିଭାଗ ୨୦୧୪ରୁ ୨୦୧୯ ଯାଏ ଉପରୋକ୍ତ ପରିମାଣର ଜରିମାନା ଆର୍‌ସିଏମ୍‌ଏସ୍ ଉପରେ ପକାଇଥିବା ତଦନ୍ତରୁ ଜଣାପଡ଼ିଛି ।

ଖବରରୁ ପ୍ରକାଶ, ୨୦୨୧ରେ ଡିଆର୍‌ସିଏସ୍ କାର୍ଯ୍ୟାଳୟର ଏଆର୍‌ସିଏସ୍ ଦାୟିତ୍ୱରେ ପ୍ରମୋଦ ରାଉତ ଅଛନ୍ତି । ବିଭାଗ ପକ୍ଷରୁ ଆର୍‌ସିଏମ୍‌ଏସ୍‌ର ଭାରପ୍ରାପ୍ତ ସମ୍ପାଦକ ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୯।୬।୨୦୨୧ରୁ ଏଯାଏ ଏଆର୍‌ସିଏସ୍ ରାଉତ ସମ୍ପାଦକ ଦାୟିତ୍ୱ ବୁଝୁଛନ୍ତି । ଆର୍‌ସିଏମ୍‌ଏସ୍ ୨୦୧୪ରୁ୨୦୧୯ ଯାଏ ଏହି ସମୟ ମଧ୍ୟରେ ଆର୍‌ସିଏମ୍‌ଏସ୍‌ରେ ଅବ୍ୟବସ୍ଥା ହୋଇଥିବା ଆୟକର ବିଭାଗ ଜାଣିବାକୁ ପାଇଛି। ୨୦୧୪ରୁ ୨୦୧୯ ଯାଏ ଯେଉଁମାନେ ପରିଚାଳନା ବୋର୍ଡ ସଦସ୍ୟ, ସଭାପତି, ସମ୍ପାଦକ ଥିଲେ ସେମାନଙ୍କୁ ଏହାର ପରିସରଭୁକ୍ତ କରି ଜେରା କରାଯିବ ବୋଲି ଡିଆର୍‌ସିଏସ୍ ଭୀମସେନ ସାହୁ କହିଛନ୍ତି। ଅନ୍ୟପକ୍ଷରେ ୨୦୨୨ ନଭେମ୍ବର ୧୧ରେ ନୂତନ ବୋର୍ଡ ଗଠନ ହୋଇଥିଲା। ନୂତନ ବୋର୍ଡ ଗଠନ ହୋଇ ୧୩ ମାସ ହେଲା ଏହା ଭିତରେ ୩ଟି ବୈଠକ ହେବା କଥା। ମାତ୍ର ୧୩ ମାସ ଭିତରେ ଗୋଟିଏ ବୈଠକ ହୋଇଛି । ଏ ସମସ୍ତ ଦିଗକୁ ନେଇ ଡିଆର୍‌ସିଏସ୍ ସାହୁ ତଦନ୍ତ କରିବେ। ଏ ସମ୍ପର୍କରେ ଡିଆର୍‌ସିଏସ୍ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ସିଏମ୍‌ଏସ୍ ପକ୍ଷରୁ ସରକାରଙ୍କ ନିକଟରେ ସମ୍ପାଦକଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ସେ ତଦନ୍ତ କରିବାକୁ ଯାଇଥିଲେ । ତଦନ୍ତରୁ ଆର୍‌ସିଏମ୍‌ଏସ୍‌କୁ ୫୪ ଲକ୍ଷ ଟଙ୍କା ଆୟକର ବିଭାଗର ଜରିମାନା ଥିବା ସେ ଜାଣିବାକୁ ପାଇଥିଲେ।



ଡିଆର୍‌ସିଏସ୍ ଭୀମସେନ ସାହୁ ଆର୍‌ସିଏମ୍‌ଏସ୍‌ରେ ଯାଞ୍ଚ କରୁଛନ୍ତି।

# ଲଘୁଚାପ ବର୍ଷାରେ ୨ ପଞ୍ଚାୟତରେ ଭାଙ୍ଗିଲା ୫ ଘର



ପାହାଡରୁ ଖସିଥିବା ପଥର।

**ପଟ୍ଟାଙ୍ଗି, ୬।୧୨(ଶରତ ଧଳ)**

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ସହ ପବନ ଲାଗି ରହିଛି। ଏହିପରି କ୍ଷେତ୍ରରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପଡୋଶୀ ଆନ୍ଧ୍ର ନିକଟବର୍ତ୍ତୀ ହୋଇଥିବାରୁ ଉକ୍ତ ବ୍ଲକରେ ଲାଗି ରହିଛି ବର୍ଷା । ଫଳରେ ବ୍ଲକବାସୀ ଅତିଷ୍ଠ ହୋଇ ପଡିବା ସହ ଦୋକାନ ବଜାର ରାସ୍ତାଘାଟ ଜନଗହଳି ଶୂନ୍ୟ ହୋଇପଡିଛି । ସ୍ଥାନୀୟ ଅଞ୍ଚଳରେ ଗତ ରବିବାର କୋହଲା ପାଗ ଥିବା ବେଳେ ସୋମବାର ଅଳ୍ପ ବର୍ଷା ହୋଇଥିଲା। ମଙ୍ଗଳବାର ବର୍ଷା ସହ ପବନର ପ୍ରଭାବ ବଢ଼ିବାରେ ଲାଗିଥିଲା। ଏହାର ପ୍ରଭାବରେ ବ୍ଲକର ଅନେକ ପଞ୍ଚାୟତରେ ଚାଷୀ ନିଜ ଜମିରୁ ଅମଳ ହୋଇଥିବା ଧାନ, ମାଣ୍ଡିଆ ନେଇ ଖଳାରେ ଜରି ପାଲ ଘୋଡାଇ ରଖିଥିଲେ ମଧ ପବନ ଓ ବର୍ଷାରେ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ବୁଧବାର ସୁଦ୍ଧା ପଟ୍ଟାଙ୍ଗି ବ୍ଲକରେ ୧୦୬.୦ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ପଟ୍ଟାଙ୍ଗି ବ୍ଲକରେ ଲାଗି ରହିଥିବା ବର୍ଷାକୁ ଦୃଷ୍ଟିରେ ରଖି ବ୍ଲକ ଓ ତହସିଲ ପକ୍ଷରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ନିୟୋଜିତ କରି ସ୍ଥିତି ଅନୁଧ୍ୟାନ କରାଯାଇଛି। ବର୍ଷାରେ ୩ଦିନ ମଧ୍ୟରେ କୋଟିଆରେ ଗୋଟିଏ ଏବଂ ନୂଆଗାଁ ପଞ୍ଚାୟତରେ ୪ଟି ଘର ଭାଙ୍ଗିଛି। କୋଟିଆ ପଞ୍ଚାୟତ ସଦର ମହକୁମାରୁ ଫାଟୁସିନେରି ଗ୍ରାମକୁ ସଂଯୋଗ କରିଥିବା ରାସ୍ତାର ମାଡକାର ଘାଟିରେ ସ୍ଥାନେ ସ୍ଥାନେ ପାହାଡ଼ରୁ ପଥର ଖସି ରାସ୍ତା ଉପରେ ବିପଦ ସଂକେତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଛି। ତେବେ ଏହି ପଥରହଟାଇବା ଲାଗି ଅଗ୍ନିଶମ ବିଭାଗ ପଦକ୍ଷେପ ନେଉଥିବା ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ କହିଛନ୍ତି ।

# ଝିଅକୁ ସୁସ୍ଥ କରିବାରେ ଅର୍ଥ ବାଧକ

**ସୁନାବେଡ଼ା,୬।୧୨(କୃତ୍ତିବାସ ପ୍ରଧାନ)**



ସୁନାବେଡ଼ା ଏଇଏଫ୍ କଲୋନି କାଳୀମନ୍ଦିର ନିକଟରେ ରୁହନ୍ତି ଜବାନ୍ ବଢ଼େଇ। ଝିଅ ନିବେଦିତା(୧୩) ଦୀର୍ଘ ୩ ବର୍ଷ ହେବ ରକ୍ତ କର୍କଟରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଏବେ ଝିଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଜବାନ୍ ଜଣେ ଦିନମଜୁରିଆ ହୋଇଥିବା ବେଳେ ଯାହା କିଛି ସଞ୍ଚିତ ଅର୍ଥ ରଖିଥିଲେ ସେସବୁ ଝିଅର ଚିକିତ୍ସାରେ ଶେଷ ହୋଇଗଲାଣି। ୨୦୨୧ ମସିହାରେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିଲେ ନିବେଦିତା। ହେଲେ ଗତ ଅଗଷ୍ଟ ମାସରୁ ପୁଣି ଅସୁସ୍ଥ ହୋଇପଡ଼ିବାରୁ ଝିଅକୁ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ପରିବାର ଲୋକେ। ସେଠାରୁ ଡାକ୍ତର ଝିଅକୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ନେବାକୁ ପରାମର୍ଶ ଦେଇଛନ୍ତି। ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ନେଲେ ଏ ବାବଦରେ ୨୦ ରୁ ୩୦ ଲକ୍ଷ ଟଙ୍କା ଆବଶ୍ୟକ। ଏମ୍‌ସରେ ନିବେଦିତା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଚିକିତ୍ସିତ ହେଉଥିଲେ। ହେଲେ ସେହି କାର୍ଡର ସମସ୍ତ ଅର୍ଥ ରାଶି ଖର୍ଚ୍ଚ ହୋଇସାରିଛି। ଏପରି ସ୍ଥଳେ କିପରି ଝିଅର ଜୀବନ ବଞ୍ଚାଇବେ ସେ ନେଇ ଚିନ୍ତାରେ ରହିଛନ୍ତି ପରିବାର । ସରକାର ତଥା ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ତାଙ୍କ ଝିଅକୁ ବଞ୍ଚାଇ ଦେଇପାରିବ ବୋଲି କହିଛନ୍ତି ଜବାନ। କେହି ସହୃଦୟ ବ୍ୟକ୍ତି ନିବେଦିତାଙ୍କୁ ସହାୟତା କରିବାକୁ ଚାହିଁଲେ ସୁନାବେଡ଼ା ଆଲ୍ଲାହାବାଦ ବ୍ୟାଙ୍କରେ ଥିବା ତାଙ୍କ ଜମାଖାତା ନଂ. ୫୦୪୦୦୬୧୭୮୯୦ରେ ଜମା କରିପାରିବେ। ଫୋନ୍ ପେ ନଂ. ୮୭୬୩୭୩୧୦୧୨ ରେ ମଧ ସାହାଯ୍ୟ କରିପାରିବେ ବୋଲି ଜବାନ କହିଛନ୍ତି।

# ଆବାସିକ କନ୍ୟାଶ୍ରମରେ ଛାତ୍ରୀଙ୍କୁ ପାଠ ପଢ଼ାଇଲେ ଉପ ଜିଲାପାଳ



**ଜୟପୁର/କୁନ୍ଦୁରା,୬।୧୨ (ପବନ ପାଣିଗ୍ରାହୀ/ସନ୍ତୋଷ ପ୍ରହରାଜ)**

ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡା କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉଦଲଗୁଡା କେଡିଏଫ ଆଦିବାସୀ ଆବାସିକ କନ୍ୟାଶ୍ରମ ବୁଧବାର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କନ୍ୟାଶ୍ରମର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ଓ ଅନ୍ୟାନ୍ୟ ବିଷୟରେ ତଦାରଖ କରିଥିଲେ । ଛାତ୍ରୀ, ଶିକ୍ଷୟତ୍ରୀମାନଙ୍କୁ କନ୍ୟାଶ୍ରମର ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଏଥିସହ ଉପଜିଲାପାଳ ପରିଡା କନ୍ୟାଶ୍ରମର ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀମାନଙ୍କୁ ଗଣିତ, ଜ୍ୟାମିତି, ଓଡିଆ ଭାଷା ପଢାଇଥିଲେ। ଏହି ପରିଦର୍ଶନ ସମୟରେ କୁନ୍ଦୁରା ତହସିଲଦାର ବିନୋଦ ନାୟକ ଉପସ୍ଥିତ ଥିଲେ ।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ସ୍ୱଚ୍ଛତା, ପାନୀୟ ଜଳର ଅବ୍ୟବସ୍ଥା

**ବଢୁଛି ଯାତ୍ରୀ ଅସନ୍ତୋଷ**

**କୋରାପୁଟ,୬।୧୨(ଅମିତାଭ ବେହେରା )**

ଭୁବନେଶ୍ୱରରୁ ଜଗଦଳପୁରକୁ ଚଳାଚଳ କରୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ସ୍ୱଚ୍ଛତା ଓ ପାନୀୟଜଳ ପ୍ରଦାନରେ ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ଏନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭୁବନେଶ୍ୱରରୁ ଭାୟା କୋରାପୁଟ ଦେଇ ଜଗଦଳପୁର ଯାଉଥିବା ଏବଂ ଆସୁଥିବା ଏହି ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍‌କୁ ଛତିଶଗଡ଼ ରାଜ୍ୟର ବସ୍ତର, ଦାନ୍ତେୱାଡ଼ା, ନାରାୟଣପୁର ଆଦି ଜିଲା ସମେତ ଓଡ଼ିଶାର କୋରାପୁଟ, ରାୟଗଡ଼ା ଜିଲାର ପ୍ରତ୍ୟହ ହଜାର ହଜାର ଯାତ୍ରୀ ନିର୍ଭର କରନ୍ତି। ଟ୍ରେନ୍‌ରେ ଯାତ୍ରୀଙ୍କ ନିମନ୍ତେ ରହିଥିବା ବିଭିନ୍ନ ସୁବିଧା ଠିକ୍ ଭାବେ ପ୍ରଦାନ କରାଯାଉ ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଗତ ୩ ତାରିଖରେ ଭୁବନେଶରରୁ ଜଗଦଳପୁର ଅଭିମୁଖେ ଆସୁଥିବା ୧୮୪୪୭ ନମ୍ବର ହୀରାଖଣ୍ଡ ଏକ୍ସପ୍ରେସ୍ ଭୁବନେଶ୍ୱର ଷ୍ଟେଶନରୁ ବାହାରିଥିଲା। ଟ୍ରେନ୍‌ଟି ସେହିଠାରୁ ଯାତ୍ରା ଆରମ୍ଭ କରିଥିଲେ ମଧ ବଗିଗୁଡିକ ଖୋଲିବା ବେଳେ ଖାଲି ପରିସ୍ରା ଗନ୍ଧ ହେଉଥିଲା। ଏସ୍-୪ ବଗିର ଗୋଟିଏ ପାଖର ଦୁଇଟି ଯାକ ପାଇଖାନା ଚାବି ଖୋଲୁ ନ ଥିବା ଏବଂ ଅନ୍ୟ ପାଖରେ ଥିବା ପାଇଖାନା ଖୋଲା ଥିଲେ ମଧ ପାଣି ନ ଥିବାରୁ ଯାତ୍ରୀମାନେ ଝାଡ଼ା କିମ୍ବା ପରିସ୍ରା ଗଲେ ପାଣି ନ ପକାଇ ଛାଡ଼ି ଯିବାକୁ ବାଧ ହେଉଥିଲେ। ଫଳରେ ଦୁର୍ଗନ୍ଧମୟ ପରିବେଶରେ ଯାତ୍ରୀମାନେ ଯାତ୍ରା କରିଥିଲେ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିନେଇ ଡିଉଟିରେ ଥିବା ଟିଟିଙ୍କୁ କହିବାରୁ କୋରାପୁଟ ଗଲେ ପାଣି ଭର୍ତ୍ତି କରାଯିବ। ଯାହା ପାଣି ଥିଲା ସରିଯାଇଛି ବୋଲି କହିଥିଲେ। ସେହିଭଳି ନିୟମ ଅନୁଯାୟୀ ଯେତିକି ସିଟ୍ ସେତିକି ଯାତ୍ରୀ ଯାତ୍ରା କରିବା କଥା। ମାତ୍ର ଏହି ସ୍ଲିପର କୋଚରେ ଟିକେଟ କରି ନ ଥିବା ଅନେକ ଯାତ୍ରୀ ଟିକେଟ କରି ବସିଥିବା ଯାତ୍ରୀଙ୍କ ପାଖରେ ଠେଲିପେଲି ବସି ଯାତ୍ରା କରୁଛନ୍ତି। ଫଳରେ ଟିକେଟ କରିଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ୍‌ର ଏହି ଅବ୍ୟବସ୍ଥା ନେଇ କୋରାପୁଟ ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲିଙ୍କୁ ପଚାରିବାରୁ ବର୍ତ୍ତମାନ ଟ୍ରେନ୍‌ର ସ୍ୱଚ୍ଛତା କାର୍ଯ୍ୟ ଏକ ସଂସ୍ଥାକୁ ପ୍ରଦାନ କରାଯାଇଛି। ଟ୍ରେନ୍‌ର ପାନୀୟ ଜଳ ସୁବିଧା ସମ୍ପୃକ୍ତ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଲେ ଏହା ସମାଧାନ ହୋଇଥାଏ ବୋଲି କହିଛନ୍ତ। ଅନ୍‌ଲାଇନ ଟୋଲ ଫ୍ରି ନଂରେ ଅଭିଯୋଗକଲେ ମଧ ଏହାର ସମାଧାନ ହୋଇଥାଏ ବୋଲି ମୁଦୁଲି କହିଥିଲେ।

# କୋରାପୁଟ ସାହିତ୍ୟ ପରିବାର ପକ୍ଷରୁ ଶୀତ ଉତ୍ସବ

**କୋରାପୁଟ,୬।୧୨(ଅମିତାଭ ବେହେରା)**




ଉତ୍ସବରେ ମଞ୍ଚାସୀନ ଅତିଥି।

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ଠାରେ କୋରାପୁଟ ସାହିତ୍ୟ ପରିବାର ପକ୍ଷରୁ ଶୀତ ଉତ୍ସବ ଶିଶିର ସଂନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ସାହିତ୍ୟ ପରିବାର ସଭାପତି କବି ସୁଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଗାବେଷକ ପ୍ରଫେସର ଗୌରାଙ୍ଗ ଚରଣ ଦାସ ଯୋଗଦେଇ ଅନୁବାଦ କଳାର ଦ୍ୟୁତି ଓ ବ୍ୟାପ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସାହିତ୍ୟକ ତଥା ସଙ୍ଗଠକ ଡ. ବିଜୟାନନ୍ଦ ସିଂହ ଯୋଗଦେଇ ସାହିତ୍ୟରେ ସହୃଦୟତା ସଂପର୍କରେ ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଗାଳ୍ପିକ ଓ ସମାଲୋଚକ ନାରାୟଣ ପଣ୍ଡା ସାହିତ୍ୟରେ ନାନ୍ଦନିକତା ପ୍ରସଙ୍ଗରେ ନିଜ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଶାବର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପାଦକ ଡ. ଜଗବନ୍ଧୁ ସାମଲ ଓ ଯୁବ ପ୍ରାବନ୍ଧିକ ଡ. ଚନ୍ଦ୍ରଶେଖର ହୋତା ନିଜ ନିଜ ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ସାହିତ୍ୟକ ଡ. ବିଜୟାନନ୍ଦ ସିଂହଙ୍କୁ କୋରାପୁଟ ସାହିତ୍ୟ ପରିବାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ କବି ସୁଶାନ୍ତ ନାୟକଙ୍କ ରଚିତ ଦେହ-ବିଦେହ କବିତା ସଙ୍କଳନକୁ ଅତିଥିମାନେ ପଠନ କରି ଏହାର ପାଠକୀୟତା ମୂଲ୍ୟାୟନ କରିଥିଲେ। ସାହିତ୍ୟ ପରିବାରର ଉପସଭାପତି ରବି ଶତପଥୀ ଏହି ଶିଶିର ସଂନ୍ଧ୍ୟାକୁ ପରିଚାଳନା କରିଥିଲେ। ସମ୍ପାଦକ ଡ. ପ୍ରୀତିଧାରା ସାମଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲାର କବି ଡ. ପ୍ରଦୀପ ମିଶ୍ର, ଜଳଧର ସ୍ୱାଇଁ, ଅନୁବାଦକ ବିଜୟ ପ୍ରଧାନ. ଶୁଭ ନାରାୟଣ ସ୍ୱାଇଁ ,ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଶିଶିର ବେହେରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସଂଘମିତ୍ରା ବେହେରା, ଡ. ଲୋପାମୁଦ୍ରା ସ୍ୱାଇଁ , ମଧୁସୂଦନ ସ୍ୱାଇଁ, ପଦ୍ମା ଶାସ୍ତ୍ରୀ, ସିଏଚ ସାନ୍ତାକାର, ରମେଶ ସାହୁ, ପ୍ରକାଶ ଚନ୍ଦ୍ର କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବିସ୍ଫୋରକ ସାମଗ୍ରୀ ସହ ଜଣେ ମାଓବାଦୀ ଗିରଫ



ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୋଲିସ ଦ୍ୱାରା ବିସ୍ଫୋରକ ସାମଗ୍ରୀ ସହ ଜଣେ ମାଓବାଦୀ ଗିରଫ ହୋଇଛନ୍ତି। ସେ ହେଲେ ଦେବା ପୋୟାମ । ଛତିଶଗଡ଼ ବିଜାପୁର ଜିଲା ପୋଲିସ ଦ୍ୱାରା କେତୁଲନାର ଓ ଦର୍ଭା ରାସ୍ତାରେ ସର୍ଚ୍ଚ ଅପରେଶନ କରାଯାଉଥିଲା । ଏହି ସମୟରେ ଜଣେ ବ୍ୟକ୍ତି ସେହି ରାସ୍ତା ନିକଟରେ ଥିବା ଜଙ୍ଗଲରେ ଲୁଚି ରହିଥିବା ବେଳେ ତାକୁ ପୋଲିସ ଯବାନମାନେ ଦେଖି ସନ୍ଦେହ କରି କାବୁକରିଥିଲେ। ଏହାପରେ ଯବାନମାନେ ପଚରାଉଚର କରିବାରୁ ସେ ଜଣେ ମାଓବାଦୀ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ପୋଲିସ କେତେକ ବିସ୍ଫୋରକ ସାମଗ୍ରୀ ଏବଂ ପୋଷ୍ଟର ଓ ବ୍ୟାନର ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାଓବାଦୀ ଜଣଙ୍କ ସଙ୍ଗଠନର ଯନ୍ତାନା ଦଳମର ମୁଖ୍ୟ ଦେବା ପୋୟାମ ଓ ସେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ ବୋଲି ଜଣାପଡିଛି।

## ଉପାଧ୍ୟକ୍ଷଙ୍କ ଚିଠିର ଉତ୍ତର ବିଡିଓ ଦେଉ ନ ଥିବା ଅଭିଯୋଗ

### ଉପାଧ୍ୟକ୍ଷ,ବିଡିଓଙ୍କ ମଧ୍ୟରେ ତିକ୍ତତା

ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନପାତ୍ର)

ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରନ ହାଲ୍‌ଦାର ଓ ବିଡିଓଙ୍କ ମଧ୍ୟରେ ପତ୍ରାଳାପକୁ ନେଇ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ବିଭିନ୍ନ ଗଣମାଧ୍ୟମରେ ଉପାଧ୍ୟକ୍ଷ ଏକ କାର୍ଯ୍ୟ ଜଣେ ବ୍ୟକ୍ତିଙ୍କୁ ଦେବା ପାଇଁ ବିଡିଓଙ୍କୁ ଚିଠି ଲେଖିବା ଖବର ପ୍ରସାରିତ ହେବାପରେ ଉପାଧ୍ୟକ୍ଷ ହାଲ୍‌ଦାର ଗଣମାଧ୍ୟମଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି, ମୁଁ ଗତ ୧୨।୯।୨୩, ୧୩।୯।୨୩, ୧୯।୧୧।୨୩ରେ ବିଡିଓଙ୍କୁ ୩ଟି ଚିଠି ଦେଇଥିଲି। କିନ୍ତୁ ଅଦ୍ୟାବଧି ତା'ର କୌଣସି ଉତ୍ତର ପାଇନାହିଁ। ଏଥିସହ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ମଧ୍ୟ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଚିଠିର ଉତ୍ତର କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଜଣେ ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ନ ଦେବା ଦୁଃଖର ବିଷୟ । ଶାସକ ଦଳ ଏବଂ କେତେକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବିଡିଓ ବିଭିନ୍ନ କାମ ଦେଉଥିବା ବେଳେ ଏହି ଅନ୍ୟାୟ ବିରୋଧରେ ମୁଁ ପ୍ରତିବାଦ କରି ଆସୁଛି। ତେବେ ଏ ସମ୍ବନ୍ଧରେ ବିଡିଓଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

# ମାଲକାନଗିରିର ବିଭିନ୍ନ ଅଞ୍ଚଳରେ ବର୍ଷା,କୋହଲା ପାଗ

**ବାତ୍ୟା ମିଗ୍‌ଜୋମ୍ ପ୍ରଭାବ**

■ କଟା ଧାନକୁ ରଖିବାକୁ ଚାଷୀ ତତ୍ପର

ମାଲକାନଗିର,୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବୁଧବାର ବାତ୍ୟା ମିଗ୍‌ଜୋମ୍ ପ୍ରଭାବ ଦେଖିବାକୁ ମିଳିଛି। ମଙ୍ଗଳବାର ଜିଲାର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ସହ କୋହଲା ପାଗ ଲାଗି ରହିଛି। କୋହଲା ପାଗ ଫଳରେ ଜିଲାବାସୀ ଘରୁ ବାହାରକୁ ବାହାରି ନ ଥିବା ଦେଖିବାକୁ ମିଳିଛି। ବିଶେଷ କରି ଚାଷୀମାନେ କଟା ଧାନକୁ କିପରି ସଂରକ୍ଷିତ କରିବେ ସେଥିପ୍ରତି ତତ୍ପର ହୋଇ ଚନ୍ତାରେ ଅଛନ୍ତି। କେତେଜଣ ଚାଷୀ ନିଜ ଜମିରେ ରଖିଥିବା ଧାନ ଗଦା ଉପରେ ପଲିଥିନ୍ ଘୋଡାଇବା ସହ ଅମଳ ଧାନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିବା ଦେଖିବାକୁ ମିଳିଛି। ସେହିପରି ମାଟି ଇଟା ପକାଇଥିବା ବ୍ୟବସାୟୀମାନେ ନିଜର ଇଟାଭାଟିରେ ଥିବା କଞ୍ଚା ଇଟାକୁ ସୁରକ୍ଷିତ କରିବା ପାଇଁ ପଲିଥିନ୍ ଘୋଡାଇଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଜିଲାର ପଡିଆ, ମୋଟୁ, ମାଥିଲି ଅଞ୍ଚଳରେ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଓ ପ୍ରଶାସନ ସଜାଗ ରହିଛି। ବୁଧବାର ବୃଷ୍ଟିପାତ ଅନୁଯାୟୀ ଜିଲାରେ ମୋଟ ୨୮୯.୬ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୪୧.୩୭ ମି.ମି. ବୃଷ୍ଟିପାତ ହୋଇଛି। ତେବେ ଚିତ୍ରକୋଣ୍ଡା ବ୍ଲକରେ ସର୍ବାଧିକ ୫୬.୮ ମି.ମି. ବର୍ଷା ହୋଇଥିବା ବେଳେ ମାଲକାନଗିରି ବ୍ଲକରେ ୨୬.୨, ମାଥିଲି ବ୍ଲକରେ ୨୯.୦, ଖଇରପୁଟରେ ୩୨.୨,କୋରୁକୋଣ୍ଡାରେ ୩୬.୦, କାଲିମେଳାରେ ୫୬.୪, ପଡିଆରେ ୫୩.୨ ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଡ୍ରାଇଭର ମହାସଂଘର ବିରାଟ ଶୋଭାଯାତ୍ରା



ଡ୍ରାଇଭର ମହାସଂଘ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

କାଲିମେଳା, ୬।୧୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମାରେ ବୁଧବାର ଓଡିଶା ଡ୍ରାଇଭର ମହାସଂଘ କାଲିମେଳା ବ୍ଲକ ଶାଖା ତରଫରୁ ଏକ ସଚେତନତା ଶୋଭାଯାତ୍ରା ସହ ସ୍ଥାନୀୟ ଆରଏମସି ଗୋଦାମ ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମାଲକାନଗିରି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ସମେତ କାଲିମେଳା ବ୍ଲକର ୨୩ ପଞ୍ଚାୟତରେ ଥିବା ଶତାଧିକ ଓଡିଶା ଡ୍ରାଇଭର ମହାସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ପ୍ରଥମେ କାଲିମେଳା ବସ୍‌ଷ୍ଟାଣ୍ଡଠାରେ ଡ୍ରାଇଭର ଏକଜୁଟ ହେବା ସହିତ ବ୍ୟାନର ଧରି ବ୍ୟାଣ୍ଡ ବଜାଇ ବିରାଟ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ବସ୍‌ଷ୍ଟାଣ୍ଡଠାରୁ ମୁଖ୍ୟ ବଜାର, ହାଟପଦା ପର୍ଯ୍ୟନ୍ତ ଯାଇ ଡ୍ରାଇଭର ମାନଙ୍କ ଉଦ୍ଦେଶ୍ୟରେ ନିଶା ସେବନ କରି ଗାଡି ନ ଚଳାଇବା ଓ ବିଭିନ୍ନ ସଚେତନ ସମ୍ପର୍କିତ ସ୍ଲୋଗାନ ଦେଇ ଆରଏମ୍‌ସିଠାରେ ପହଞ୍ଚିଥିଲେ। ଉକ୍ତ ଶୋଭାଯାତ୍ରାରେ ରାଜ୍ୟ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମୁଦୁଲି, ସମ୍ପାଦକ ଚୈତନ ପ୍ରଧାନ, ଜଏଣ୍ଟ ସେକ୍ରେଟେରୀ ମାନସ ଦେବର୍ତ୍ତା, ଘନଶ୍ୟାମ ବେହେରା ଓ କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ପୂର୍ବରୁ ୧୨ ଦଫା ଦାବି ନେଇ ସରକାରଙ୍କୁ ଜଣାଇଥିବା ବେଳେ କୌଣସିଟି ପୂରଣ ହୋଇ ନ ଥିବା ବେଳେ ସରକାର କେବଳ ପ୍ରତିଶ୍ରୁତି ଦେଇଥିଲେ। ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଡ୍ରାଇଭରଙ୍କ ପରିବାର ଓ ଗାଡି ଚଳାଉ ଥିବା ଡ୍ରାଇଭରମାନଙ୍କ ସମସ୍ୟାକୁ ନେଇ ବୈଠକ ରେ ଉଦବେଗ ପ୍ରକାଶ ପାଇଥିଲା। ଦାବି ମଧ୍ୟରେ ଡ୍ରାଇଭରଙ୍କ ଜୀବନ ଜୀବିକା ସୁରକ୍ଷା ଉପରେ ନିବେଦନ, ଡ୍ରାଇଭରଙ୍କୁ ନ୍ୟାୟ ପ୍ରଦାନ,ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ଗାଡିଗୁଡିକ ପାର୍କିଂ ଏବଂ ଡ୍ରାଇଭରିଙ୍କର ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା, ୫୫ ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା ଲାଗୁ । ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ବୀମା ରାଶି, ଦୁର୍ଘଟଣାରେ ଅକର୍ମଣ୍ୟ ଡ୍ରାଇଭରଙ୍କୁ ୧୦ ଲକ୍ଷ ଟଙ୍କାର ବୀମାରାଶି ସହିତ ଦୁର୍ଘଟଣାରେ ଚିକିତ୍ସା ପାଇଁ ଡ୍ରାଇଭରଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବୀମା ଆଦି ରହିଛି। ଡ୍ରାଇଭର ପିଲାଙ୍କ ପାଇଁ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା, ରାଜ ରାସ୍ତାରେ ପ୍ରଶାସନ ପକ୍ଷରୁ ଡ୍ରାଇଭର ମାନଙ୍କୁ ହଇରାଣ କରାନଯାଉ । ଲାଇସେନ୍ସ ପାଇଁ ଯେଉଁ ୧୫ ହଜାର ଟଙ୍କା ସରକାର ରଖିଛନ୍ତି ତାକୁ ହଟାଯାଇ କମ୍ ମୂଲ୍ୟ ଧାର୍ଯ୍ୟ ଆଦି ୧୧ ଟି ପ୍ରମୁଖ ଦାବି ରହିଛି। ସରକାର ଯଦି ଏହିସବୁ ସମସ୍ୟାକୁ ଅଣଦେଖା କରନ୍ତି ତା ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟେରିଂ ଛାଡ ଆନ୍ଦୋଳନ କରିବୁ ବୋଲି ଡ୍ରାଇଭରମାନେ ଚେତାବନୀ ଦେଇଛନ୍ତି। ତେବେ ଆଗାମୀ ଦିନରେ ସରକାର ଡ୍ରାଇଭରଙ୍କ ଦାବିକୁ ଗୁରୁତ୍ୱ ନ ଦେଲେ ବ୍ଲକସ୍ତରରେ, ଜିଲା ସ୍ତରରେ ଏବଂ ରାଜ୍ୟ ସ୍ତରରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ତରଫରୁ ସୂଚନା ମିଳିଛି ।

## ଆମ୍ବେଡ଼କରଙ୍କ ମହାପରିନିର୍ବାଣ ଦିବସ

କାଲିମେଳା ୬।୧୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନନ୍ତପଲ୍ଲୀ ଗ୍ରାମରେ ଅନୁସୂଚିତ ଜାତି, ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୬୭ ତମ ମହାପରିନିର୍ବାଣ ଦିବସ ସ୍ଥାନୀୟ ସରପଞ୍ଚ ଦୁର୍ଗା ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଏ କାର୍ଯ୍ୟକ୍ରମରେ ମିଳିତ କ୍ରିୟାନୁଷ୍ଠାନ କମିଟି ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ବିଜେଡି ନେତା ପ୍ରଭାକର ହନ୍ତାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ଆମ୍ବେଡକରଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବୌଦ୍ଧିସତ୍ୱ ଆଇନ ବିଶାରଦ ଓ ଭାରତ ବର୍ଷ ସମ୍ବିଧାନର ପ୍ରଣେତା ବି. ଆର ଆମ୍ବେଦକର ମହିଳା, ଶ୍ରମିକ ଓ ମାନବ ଅଧିକାରର ପ୍ରତିଷ୍ଠା ସାଙ୍ଗକୁ କୃଷି ଶିଳ୍ପ, ଭାରତୀୟ ବିଦ୍ୟୁତ୍ ଜଳ ପ୍ରପାତ ଓ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ପ୍ରତିଷ୍ଠା ସମେତ ସବୁଧର୍ମ ଓ ସବୁ ଜାତିକୁ ସମାନ ଅଧିକାର ଦେଇ ମାନବିକତା ପ୍ରଦାନ କରିଥିବା ହନ୍ତାଳ ଆଲୋକପାତ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଅମରେଶ କୁମାର ମଞ୍ଚ ପରିଚାଳଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଁ କମିଟି ସଭାପତି ମତାୟା ମାଦିରି,ପୂର୍ବତନ ୱାର୍ଡ ମେମ୍ବର ଜି. ଆନୁସ୍ମତି,ମିଡ଼ିଆମୀ ସନ୍ଧ୍ୟା ବେଟି କଲ୍ୟାଣି, ଦୁଲେ ପଡ଼ିଆମୀ, ମେଲାଙ୍ଗୀ ୱାରାଲକ୍ଷ୍ମୀ,କାମ୍ପମ ଚନ୍ଦ୍ରରାଜୁ, ବେଟି ନିଲାବେନ୍ଦ୍ର,ଟେଣ୍ଟୁ ଯନା, ନେଲୁରି ଭାଗ୍ୟନନ୍ଦ ଓ ଗଜଲକ୍ଷ୍ମୀ ଚିନାମଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କୃଷି ବିଭାଗ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ

ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନ ପାତ୍ର)



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

ମାଲକାନଗିରି ଜିଲା କୃଷି ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଜାମୀ ସୂର୍ଯ୍ୟ ରାଓଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ମୁଖ୍ୟ ଜିଲା ପ୍ରାଣୀ ଅଧିକାରୀ ଡା. ଅଶୋକ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଯୋଗଦେଇ ମୃତ୍ତିକା, ଜଳ ଓ ଜୀବନର ଉତ୍ସ ବିଷୟରେ କହିଥିଲେ। ମୃତ୍ତିକା ଉର୍ବର ରହିଲେ ତାହା ଭଲ ଭାବେ ଜଳଧାରଣ କରିପାରେ। ଉତ୍ତମ ମୃତ୍ତିକା ଓ ଜଳ ପରିଚାଳନା ଦ୍ୱାରା ବନ୍ୟା, ମରଡ଼ି ଓ ବାଲି ଝଡର ମୁକାବିଲା ଦିଗରେ ମାଟିର କ୍ଷମତା ବୃଦ୍ଧି ପାଇଥାଏ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ମୃତ୍ତିକା ସଂରକ୍ଷଣ ବିଭାଗର ଏଡିଏ ମନସ୍ୱିନୀ ମହାପାତ୍ର ପରିଚାଳନା କରିଥିବା ବେଳେ ଏଡିଏ ଚନ୍ଦ୍ରଶେଖର ଭୂମିଆ ସହଯୋଗ କରିଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଦ୍ୟାଳୟସ୍ତରରେ ହୋଇଥିବା ମୃତ୍ତିକା, ଜଳ ଓ ପ୍ରକୃତି ବିଷୟବସ୍ତୁ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।

# ଉପବିଭାଗ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉପବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି ।

ମାଲକାନଗିରି, ୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୧୯୮୯ରୁ କନିଷ୍ଠ କିରାଣି ଭାବେ କାର୍ଯ୍ୟକରି ଗତ ୩୦ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଥିବା ଉପବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନା, ବିଜୟ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗୀ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦାସଙ୍କ ଅଭିଜ୍ଞତା ଓ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ୟା ସମାଧାନ ହୋଇପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେଇ କର୍ମଚାରୀଙ୍କ ପ୍ରିୟପାତ୍ର ହୋଇଥିଲେ। ଶେଷରେ ଦାସଙ୍କୁ ମାନପତ୍ର ଓ ଉତ୍ତରିୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପଡିଆ, ୬।୧୨(ଭାସ୍କର ରାଓ)

ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପରମା ନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଡିଆ ବିଡିଓ ଅଭିମନ୍ୟୁ କବି ଶତପଥୀ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରତିନିଧି ଏନ୍. ନୁକାଲ ରାଜୁ, ପୂର୍ବ ତନ ସରପଞ୍ଚ ସତ୍ୟନାରାୟଣ ମାଝି, ବରିଷ୍ଠ ସାମାଜିକ କର୍ମୀ ଏନ୍. ରାଘବ ରାଓ, ବରିଷ୍ଠ ନାଗରିକ ଦେବେନ୍ଦ୍ର ରାଓ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଅବସରରେ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ । ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଉତ୍ସାହିତ ଏବଂ ନୂତନ ଓଡିଶା ନବୀନ ଓଡିଶା ଉପରେ ବକ୍ତବ୍ୟ ରଖିଥିଲେ । ଯୋଗ ଦେଇଥିବା ଅତିଥିମାନେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନୂତନ ଓଡ଼ିଶାର ସ୍ୱପ୍ନ କିପରି ସାକାର ହେବ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ୮ ଦିନ ଧରି ଏହି କାର୍ଯ୍ୟକ୍ରମ କରାଯିବ । ଆସନ୍ତା ୧୩ ତାରିଖରେ ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବ ବୋଲି ଅଧକ୍ଷ ମହାପାତ୍ର କହିଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ୬୧ତମ ଗୃହରକ୍ଷୀ ଦିବସ

ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନ ପାତ୍ର)



ଗୃହରକ୍ଷୀ ଦିବସରେ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟମାନେ ।

ମାଲକାନଗିରି ଜିଲା ପୋଲିସ ପକ୍ଷରୁ ୬୧ତମ ଗୃହରକ୍ଷୀ ଦିବସ ପାଳିତ ହୋଇଯାଇଛି। ଜିଲା ପୋଲିସ ମୁଖ୍ୟାଳୟସ୍ଥିତ ଡିପିଓ ପଡିଆଠାରେ ଆୟୋଜିତ ପରେଡରେ ଆରକ୍ଷୀ ଅଧୀକ୍ଷକ ନିତିଶ ବାଧ୍ୱାନୀ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିବାଦନରେ ବାଧ୍ୱାନୀ ସୁରକ୍ଷା କ୍ଷେତ୍ରରେ ଗୃହରକ୍ଷୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ କେନ୍ଦ୍ର ଗୃହମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ୧୯୬୨ ଚୀନ ଭାରତୀୟ ଯୁଦ୍ଧ ସମୟରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଡିସେମ୍ବର ୬ରେ ଏହି ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ଏହି ବାହିନୀ ଜନସାଧାରଣଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଆସୁଛନ୍ତି। ବିଶେଷ କରି କରୋନା ସମୟରେ ଆଗ ଧାଡିର କୋଭିଡ ଯୋଦ୍ଧା ଭାବେ ଲୋକଙ୍କୁ ସେବା ଯୋଗାଇ ଥିଲେ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡିୟ ବନାଧିକାରୀ ପ୍ରତାପ କତାପାଲୀଙ୍କ ସହ ପୋଲିସ ଅଧିକାରୀ ଓ ଜିଲାର ସମସ୍ତ ପୋଲିସ ଓ ଗୃହରକ୍ଷୀ ଯୋଗ ଦେଇଥିଲେ। (ଫଟୋ – ଗୃହରକ୍ଷୀ ଦିବସରେ ଆରକ୍ଷୀ ଅଧିକ୍ଷକ ଓ ଅନ୍ୟମାନେ । ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ୧୯୬୨ ଚୀନ ଭାରତୀୟ ଯୁଦ୍ଧ ସମୟରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଡିସେମ୍ବର ୬ରେ ଏହି ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ଏହି ବାହିନୀ ଜନସାଧାରଣଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଆସୁଛନ୍ତି। ବିଶେଷ କରି କରୋନା ସମୟରେ ଆଗ ଧାଡିର କୋଭିଡ ଯୋଦ୍ଧା ଭାବେ ଲୋକଙ୍କୁ ସେବା ଯୋଗାଇ ଥିଲେ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡିୟ ବନାଧିକାରୀ ପ୍ରତାପ କତାପାଲୀଙ୍କ ସହ ପୋଲିସ ଅଧିକାରୀ ଓ ଜିଲାର ସମସ୍ତ ପୋଲିସ ଓ ଗୃହରକ୍ଷୀ ଯୋଗ ଦେଇଥିଲେ।

# ଚିତ୍ରକୋଣ୍ଡାରେ ସିପିଆଇଏମ୍ ପକ୍ଷରୁ ଗଣବିକ୍ଷୋଭ

ଚିତ୍ରକୋଣ୍ଡା, ୬।୧୨ (କ୍ଷୀରୋଦ ବେହେରା)



ସିପିଆଇଏମ୍ କର୍ମୀମାନେ ବିକ୍ଷୋଭ କରୁଛନ୍ତି ।

ମାଲକାନଗିରି ଜିଲା ସିପିଆଇଏମ୍ ଜିଲା ସମ୍ପାଦକ ବ୍ରଜ ମାଝିଙ୍କ ନେତୃତ୍ୱରେ ଜିଲା କମିଟି ସଦସ୍ୟ ଭୂପେଶ କର୍ମକାର, ଇନ୍ଦ୍ର ମୋହନ ମାଡ଼କାମୀ ଓ ରଘୁନାଥ ହନ୍ତାଳ ଏବଂ ସିପିଆଇଏମ୍ ସଂଗଠକ ପାତ୍ର ହନ୍ତାଳ, କାମ୍ଵା ପୂର୍ବତନ ସରପଞ୍ଚ ମୁକା ମାଡ଼କାମୀ, କୋରୁକୋଣ୍ଡା ସଂଗଠକ ମଙ୍ଗଳା ମାଡ଼କାମୀଙ୍କ ସହଯୋଗରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ୧୮ ପଞ୍ଚାୟତର ସିପିଆଇଏମ୍ କର୍ମୀଙ୍କୁ ନେଇ ଚିତ୍ରକୋଣ୍ଡା ପଞ୍ଜାବୀ ଛକରୁ ଏକ ପଦଯାତ୍ରାରେ ବାହାରେ ହାତରେ ସିପିଆଇଏମର ପତାକା, ପୋଷ୍ଟର ବ୍ୟାନର ଧରି ସଂଗଠନର ସ୍ଲୋଗାନ ଲାଲ ସଲାମ ନାରା ଦେଇ ଚିତ୍ରକୋଣ୍ଡା ସହର ବୁଲି ଗଣବିକ୍ଷୋଭ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ନଟବର ଗରଡ଼ାଙ୍କ ଜରିଆରେ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାର କରିଥିବା ଜଙ୍ଗଲ ଆଇନ ସଂଶୋଧନ ବାତିଲ, ରାଜ୍ୟରେ ପେସା ରୁଲ୍ ପ୍ରଣୟନ ଏବଂ ଗ୍ରାମ ସଭାକୁ ଅଧିକାର, ସମସ୍ତ ଆଦିବାସୀ ଓ ପାରମ୍ପରିକ ଅଧିକାରୀମାନଙ୍କୁ ଜଙ୍ଗଲ ଅଧିକାର ଆଇନ ପ୍ରକାରେ ୧୦ ଏକର ଜମିର ପଟ୍ଟା, ଜମି ପାଇଥିବା ଲୋକଙ୍କୁ ଠିକ ପଟ୍ଟା ଦିଅ ଓ ଜମି ଚିହ୍ନଟ, ମାଲକାନଗିରି ଜିଲାକୁ ମରୁଡ଼ି ଘୋଷଣାକରି କ୍ଷତି ପୂରଣ, ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଦୈନିକ ୬୦୦ ଟଙ୍କା ମଜୁରି ଏବଂ ୨୦୦ ଦିନର କାମ ଯୋଗାଇବା, ସମସ୍ତ ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କାରେ କିଣ, ସମସ୍ତ ବୃଦ୍ଧା, ବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ୩୦୦୦ ଟଙ୍କା ଭତ୍ତା, ସମସ୍ତଙ୍କୁ ରାଶନ କାର୍ଡ ଓ ୧୦ କେଜି ଚାଉଳ ଓ ଅନାବାଦୀ ଓ ପତିତ ଜମି ଦଖଲକାରୀ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ । ଉକ୍ତ କାର୍ଯ୍ୟକ୍ରମକୁ ଗାଜୁଲୁମାମୁଡ଼ି ସରପଞ୍ଚ ବଳରାମ ଗଲରି ପରିଚାଳନା କରିଥିଲେ।

# ମିଗ୍‌ଜୋମ୍ ପ୍ରଭାବରେ କାଳିମେଳା ଅଞ୍ଚଳରେ ବର୍ଷା

**ଧାନ ଫସଲ ନଷ୍ଟ, ସଙ୍କଟରେ ଚାଷୀ**

କାଳିମେଳା, ୬।୧୨(ଜୀବନକୃଷ୍ଣ ଦାସ)



ଗତ ୩ ଦିନ ଧରି କାଲିମେଳା ଓ ପଡିଆ ବ୍ଲକ ଆଦି ଅଞ୍ଚଳରେ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ବର୍ଷା ଲଗି ରହିଥିବା ଦେଖିବାକୁ ମିଳିଛି । ଉକ୍ତ ବର୍ଷାର ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି ଚାଷୀକୁଳ। ବର୍ତ୍ତମାନ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରି ଆଗୁଆ ସଜାଗ ପାଇଁ ଚାଷୀଙ୍କୁ ସତର୍କ କରାଯାଇଥିଲା । ତେବେ କମ ସମୟ ଭିତରେ କେତେଜଣ ଚାଷୀ ନିଜ ନିଜ ଧାନ କାଟି ନେଇ ଯାଇଥିବା ବେଳେ କେତେଜଣ ଚାଷୀଙ୍କ ଧାନ କଟା ହୋଇ ବିଲରେ ପଡି ରହିଥିବା ଦେଖିବାକୁ ମିଳିଛି । ଆଉ କେତେଜଣ ଚାଷୀଙ୍କ ଧାନ ଜମିରୁ କଟା ଯାଇନାହିଁ। ସେଗୁଡିକ ବର୍ଷା ପାଣିରେ ଛିଡା ହୋଇଥିବା ଗଛଗୁଡିକ ଓଲଟି ପଡି ବର୍ଷା ପାଣିରେ ଓଦାହେଇଯାଇଥିବା ଦେଖିବାକୁ ମିଳିଛି । ଜମିରେ ବର୍ଷା ପାଣି ରହିବା ଫଳରେ କଟା ହୋଇଥିବା ଧାନ ପାଣିରେ ଭାସୁଛି , ଯାହାକି ଧାନ ଗଜା ହେବା ପରିସ୍ଥିତି ଦେଖାଦେଇଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ତେଲରାଇ ଗ୍ରାମରେ। ଗ୍ରାମର ମହିଳା ଚାଷୀ ପଲେ ପଡିଆମି, ଏରା ପଡିଆମି, ଗଙ୍ଗା ପଡିଆମି ଭଳି ଅନେକ ଚାଷୀଙ୍କ ଧାନ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

କାଲିମେଳା ବ୍ଲକର ୨୩ ପଞ୍ଚାୟତ ଓ ପଡ଼ିଆ ବ୍ଲକର ୮ ପଞ୍ଚାୟତ ସମସ୍ତ ଚାଷୀ ଏଥିରେ ପ୍ରଭାବିତ ହୋଇଛନ୍ତି । ସରକାର ସହାୟତା ଯୋଗାଇ ଦିଅନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି। ଏ ନେଇ ତେଲରାଇ ପଞ୍ଚାୟତ ଭିଏଲଡବ୍ଲୁ କହିଛନ୍ତି,ବାତ୍ୟାକୁ ଦୃଷ୍ଟିରେ ରଖି ଡାକବାଜି ଯନ୍ତ୍ର ଯୋଗେ ଚାଷୀଙ୍କୁ ସତର୍କ ସୂଚନା ଦେଇଥିଲୁ । କେତେ ଚାଷୀ ଧାନ ସୁରକ୍ଷିତ ରଖିଥିବା ବେଳେ କେତେକଙ୍କ ଧାନ ପାଣିରେ ଭିଜି ଯାଇଥିବା ସେ ପ୍ରକାଶ କରିଛନ୍ତି । ପ୍ରଶାସନ ତୁରନ୍ତ କ୍ଷତିପୂରଣ ଆକଳନ କରି ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

